ଛତ୍ରପୁର ଥାନାରୁ ଅଟକ ପପୁ ହାତୀ ଫେରାର

ନିତିଦିନ
NITIDIN

ଆଇଆଇଟିର ପଞ୍ଚମ ସମାବର୍ତ୍ତନ ଉତ୍ସବ

# 'ବିଜ୍ଞାନର ପ୍ରୟୋଗରେ ଉନ୍ନତି ସମ୍ଭବ'

**ଜଟଣୀ, ଖୋର୍ଦ୍ଧା, ୩୦।୮/ଏନ୍‌ଏନ୍‌ଏସ୍ :** ଜଟଣୀ ଅରୁଗୁଳ ସ୍ଥିତ ଆଇଆଇଟି କ୍ୟାମ୍ପସ ପରିସରରେ ଆଇଆଇଟି ଭୁବନେଶ୍ୱରର ପଞ୍ଚମ ସମାବର୍ତ୍ତନ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପଙ୍କଜ ରମଣ ଭାଇ ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜାତୀୟ ମାନ୍ୟ କାର୍ଡ (ନ୍ୟାସନାଲ କାର୍ଡ ଅଫ୍ ଆକ୍ରିଡେସନ)ର ଅଧ୍ୟକ୍ଷ ତଥା ଆଇଆଇଟି ଦିଲ୍ଲୀ ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ସୁରେନ୍ଦ୍ର ପ୍ରସାଦ ଯୋଗ ଦେଇ ବିଜ୍ଞାନ କୌଶଳ ମାଧ୍ୟମରେ ଦେଶର ଉନ୍ନତି ପାଇଁ ଛାତ୍ରଛାତ୍ରୀ ଉଦ୍ୟମ କରିବା ଉଚିତ୍ ବୋଲି କହିଥିଲେ।




ଏହି ସମାବର୍ତ୍ତନ ଉତ୍ସବରେ ୨୪୧ ଜଣଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିଲା। ୭ ଜଣଙ୍କୁ ଡକ୍ଟରେଟ୍, ଏମ୍‌ଟେକ୍ ପାଇଁ ୫୫ ଜଣଙ୍କୁ, ଏମ୍‌ଏସ୍‌ସି ପାଇଁ ୬୯ ଜଣଙ୍କୁ ଏବଂ ୧୧୦ ଜଣଙ୍କୁ ବିଟେକ୍ ଡିଗ୍ରୀ ପ୍ରଦାନ କରାଯାଇଥିଲା। ବିଟେକ ଡିଗ୍ରୀରେ ସର୍ବାଧିକ ନମ୍ବର ରଖି ପାସ କରିଥିବା ସ୍କୁଲ ଅଫ୍ ଇଲେକ୍ଟ୍ରିକାଲ ସାଇନ୍ସର ଛାତ୍ର ପ୍ରିୟମ ଦେଙ୍କୁ ରାଷ୍ଟ୍ରପତି ସ୍ୱର୍ଣ୍ଣପଦକରେ ସମ୍ମାନିତ କରାଯାଇଥିଲା। ସେହିପରି ଏମ୍‌ଟେକ୍‌ରେ ସର୍ବାଧିକ ନମ୍ବର ରଖିଥିବା ସ୍କୁଲ୍ ଅଫ୍ ମେକାନିକାଲ ସାଇନ୍ସର ଛାତ୍ରୀ ଶୁଭଶ୍ରୀ ସୁବୁଦ୍ଧି ଓ ଏମ୍‌ଏସ୍‌ସିରେ ସର୍ବାଧିକ ନମ୍ବର ରଖିଥିବା ସ୍କୁଲ ଅଫ୍ ଆର୍ଥ, ଓସେନ୍ ଆଣ୍ଡ କ୍ଲାଇମେଟ୍ ସାଇନ୍ସସର ଛାତ୍ରୀ ଶ୍ୱେତା ସିଂଙ୍କୁ ନିର୍ଦ୍ଦେଶକ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିଲା। ବିଟେକ୍‌ରେ ନିଜ ବିଭାଗ ମଧ୍ୟରେ ସର୍ବାଧିକ ନମ୍ବର ରଖିଥିବା ପ୍ରଣୟ ଗୌର, ପ୍ରିୟମ ଦେ, ବଡ଼େ ପୁଡ଼ି ରେବନାଥଙ୍କୁ ଇନ୍‌ଷ୍ଟିଚ୍ୟୁଟ୍ ରୌପ୍ୟ ପଦକରେ ସମ୍ମାନିତ କରିଥିଲା। ସେହିପରି ଏମ୍‌ଟେକ୍‌ରେ ନିଜ ବିଭାଗର ସର୍ବାଧିକ ନମ୍ବର ରଖିଥିବା ଶୁଭଜ୍ୟୋତି ରାୟ, ଦୀପାଞ୍ଜନ ଦେ, ପ୍ରିୟଙ୍କା ଦେ, ଆଚଲେକର ପଙ୍କଜ ଦିଲୀପ, ଶୁଭଶ୍ରୀ ସୁବୁଦ୍ଧି ଓ ଅଂଶୁମାନ ଚ୍ୟାଉ ପଟ୍ଟନାୟକଙ୍କୁ ଇନ୍‌ଷ୍ଟିଚ୍ୟୁଟ୍ ରୌପ୍ୟ ପଦକରେ ସମ୍ମାନିତ କରିଥିଲା। ଏମ୍‌ଏସ୍‌ସିରେ ସର୍ବାଧିକ ନମ୍ବର ରଖିଥିବା ଶ୍ୱେତା ସିଂ, ସୀମା ପାରେଖ, ଉର୍ମି ଘୋଷ, ଦୀକ୍ଷା ତିୱାରୀ, ବସୁନ୍ଧରା ଘୋଷ ପ୍ରମୁଖଙ୍କୁ ରୌପ୍ୟ ପଦକରେ ସମ୍ମାନିତ କରାଯାଇଥିଲା। ଏହି ସମାବର୍ତ୍ତନ ଉତ୍ସବରେ ଆଇଆଇଟି ଭୁବନେଶ୍ୱରର ବୋର୍ଡ ଅଫ୍ ଗଭର୍ଣ୍ଣର୍ସ ଅଧ୍ୟକ୍ଷ ପଙ୍କଜ ରମଣ ଭାଇ ପଟେଲ ଅଧ୍ୟକ୍ଷତା କରିଥିଲେ। ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ରତ୍ନମ ବରଦା ରାଜାକୁମାର ମଞ୍ଚାସୀନ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ଉକ୍ତ ଶିକ୍ଷାନୁଷ୍ଠାନରେ ମୋଟ ୧୨୩୭ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ବିଟେକ୍‌ରେ ୭୧୫ ଜଣ, ଏମ୍‌ଟେକ୍‌ରେ ୧୭୦ ଜଣ, ଏମ୍‌ଏସ୍‌ସିରେ ୧୪୫ ଓ ପିଏଚ୍‌ଡିରେ ୨୦୭ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଅନୁଷ୍ଠାନର ନିର୍ଦ୍ଦେଶକ ଆର୍‌ବି ରାଜକୁମାର ବିବରଣୀ ପାଠ କରିଥିଲେ।